## ସରିଲା ବିଜେଡିର ଢେଙ୍କାନାଳ ପ୍ରାର୍ଥୀ ଖୋଜା

# ମହେଶ ସାହୁଙ୍କୁ ଲୋକ ସଭା ଟିକେଟ୍

ଢେଙ୍କାନାଳ/ଅନୁଗୋଳ ଅଫିସ,୨।୪


ମହେଶ ସାହୁ


ମୁକେଶ କୁମାର ପାଳ


ରମେଶ ଚନ୍ଦ୍ର ସାଏ

ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଶେଷରେ ବିଜେଡି ଢେଙ୍କାନାଳ ଲୋକ ସଭା ପାଇଁ ପାଲଲହଡ଼ା ବିଧାୟକ ମହେଶ ସାହୁଙ୍କୁ ପ୍ରାର୍ଥୀ କରିଛି। ସେହିପରି ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ସଞ୍ଜୀବ ସାହୁଙ୍କ ବଦଳରେ ଦଳ ପୂର୍ବତନ ପ୍ରଶାସକ ରମେଶ ଚନ୍ଦ୍ର ସାଏଙ୍କ ନାଁ ଘୋଷଣା କରିଛି। ସୋମବାର ପଦ୍ମ ଛାଡ଼ି ଶଙ୍ଖ ଧରିଥିବା ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲଙ୍କୁ ବିଜେଡି ପାଲଲହଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏହି ଘୋଷଣା କରିବା ପରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ରାଜନୀତି ଅଧିକ ସରଗରମ ହୋଇପଡ଼ିଛି।

ଢେଙ୍କାନାଳ ଲୋକ ସଭା ଆସନରୁ ୪ଥର ନିର୍ବାଚିତ ହୋଇଥିବା ଏମ୍‌ପି ତଥାଗତ ସତପଥୀ ରାଜନୀତିରେ ଭାଗ ନେବେ ନାହିଁ ବୋଲି ଘୋଷଣା କରିବା ପରେ ଏହି ଆସନକୁ ନେଇ ଅଡୁଆରେ ପଡ଼ିଥିଲା ବିଜେଡି। ଦଳ ଏଠାରୁ କାହାକୁ ପ୍ରାର୍ଥୀ କରିବ ତାହା ଖୋଜିବାକୁ ଢେର ସମୟ ନେଇଥିଲା। ବରିଷ୍ଠ କଂଗ୍ରେସ ନେତା କାମାକ୍ଷାପ୍ରସାଦ ସିଂହଦେଓଙ୍କ ପୁତ୍ରବଧୂ ମୀନାଳ କୁମାରୀଙ୍କ ଠାରୁ ଆରମ୍ଭ କରି ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, ଢେଙ୍କାନାଳ ବିଧାୟକ ସରୋଜ ସାମଲ ଓ ତାଙ୍କ ସ୍ତ୍ରୀ ଏବଂ ପାଲଲହଡ଼ା ବିଧାୟକ ମହେଶ ସାହୁ ଓ ତାଙ୍କ ସ୍ତ୍ରୀଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ଶେଷରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆଉ ଦୁଇଦିନ ଥିବା ବେଳେ ମଙ୍ଗଳବାର ବିଧାୟକ ମହେଶ ସାହୁଙ୍କ ନାଁ ଉପରେ ଦଳ ମୋହର ମାରିଛି। ମହେଶ ସାହୁ ମୋଟ୍ ୪ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ୧୯୯୫, ୨୦୦୦ ଓ ୨୦୦୪ ନିର୍ବାଚନରେ ସେ ଭାଜପା ଟିକେଟ୍‌ରେ ତାଳଚେରରୁ ବିଜୟୀ ହୋଇଥିଲେ। ଏହାପରେ ୨୦୦୯ରେ ବିଜେଡିରେ ଯୋଗଦେଇ ସେଠାରୁ ପ୍ରାର୍ଥୀ ହୋଇଥିଲେ ବି ସ୍ୱାଧୀନ ଭାବେ ଲଢୁଥିବା ବ୍ରଜକିଶୋର ପ୍ରଧାନଙ୍କ ଠାରୁ ପରାଜିତ ହୋଇଥିଲେ। ଏହାପରେ ସେ ରାଜ୍ୟ ପଣ୍ୟଗାର ନିଗମ ଅଧ୍ୟକ୍ଷ ରହିଥିଲେ। ୨୦୧୪ରେ ସେ ପାଲଲହଡ଼ାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଅନୁଗୋଳ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ଏବେ ଏହି ଲୋକ ସଭା ଆସନରେ ତ୍ରିମୁଖୀ ଲଢ଼େଇ ହେବ। ବିଜେଡିର ମହେଶ ସାହୁ, ଭାଜପାରୁ ରୁଦ୍ର ନାରାୟଣ ପାଣି ଓ କଂଗ୍ରେସ ପ୍ରାର୍ଥୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବା ସ୍ପଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ମହେଶ ସାହୁ କହିଛନ୍ତି, ବହୁବର୍ଷ ହେଲା ଲୋକଙ୍କ ସେବା କରିଆସିଛି। ଦଳ ଯେତେବେଳେ ଯାହା ନିର୍ଦ୍ଦେଶ ଓ ଦାୟିତ୍ୱ ଦେଇଛି, ତାହା କରିଛି ଏବଂ କରିବି ମଧ୍ୟ। ନୂଆ ପୁରୁଣା ବିଶେଷକରି ରାଜନୈତିକ ବନ୍ଧୁମାନଙ୍କୁ ଏକାଠି କରି ସମସ୍ତଙ୍କ ସହଯୋଗରେ ନିର୍ବାଚନ ଲଢ଼ିବି ବୋଲି ମହେଶ ପ୍ରକାଶ କରିଛନ୍ତି।

- ଆଠମଲ୍ଲିକରୁ ରମେଶ ସାଏ
- ପାଲଲହଡ଼ାରେ ଲଢ଼ିବେ ମୁକେଶ
- ବିଧାୟକ ସଞ୍ଜୀବ ସାହୁଙ୍କ ଟିକେଟ୍ କଟିଲା

ସେହିପରି ଆଠମଲ୍ଲିକ ଓ ପାଲଲହଡ଼ା ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣାକୁ ବିଜେଡି ଦୀର୍ଘଦିନ ଧରି ଝୁଲାଇ ରଖିଥିଲା। ବହୁ ପୂର୍ବରୁ କଂଗ୍ରେସ ତାର ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଥିବା ବେଳେ ଭାଜପା ମଧ୍ୟ ଆଠମଲ୍ଲିକକୁ ଛାଡ଼ି ଅନ୍ୟ ୪ଟି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନ କରିସାରିଥିଲା। ସୋମବାର ଭାଜପା ଆଠମଲ୍ଲିକରୁ ଜିଲା ସଭାପତି ଭାଗୀରଥି ପ୍ରଧାନଙ୍କୁ ପ୍ରାର୍ଥୀ କରିବା ପରେ ଆଜି ବିଜେଡି ସେଠାରେ ବିଧାୟକ ସଞ୍ଜୀବ ସାହୁଙ୍କୁ ବାଦ୍ ଦେଇ ପୂର୍ବତନ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ସାଏଙ୍କୁ ପ୍ରାର୍ଥୀ କରିଛି। ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡି ନୂଆ ପ୍ରାର୍ଥୀ ଦେଇଛି। ସୋମବାର ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିବା ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଳଙ୍କ ନାଁ ଘୋଷଣା କରାଯାଇଛି। ମୁକେଶ ଏଠାରୁ ଭାଜପା ଟିକେଟ୍ ଆଶାୟୀ ଥିଲେ। ହେଲେ ଦଳ ଗତ ନିର୍ବାଚନର ପରାଜିତ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କୁ ଟିକେଟ୍ ଦେବା ପରେ ମୁକେଶ ଭାଜପା ଛାଡ଼ିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ମୁକେଶ କହିଛନ୍ତି, ଦଳର ସମସ୍ତ ନେତା ଓ କର୍ମୀଙ୍କୁ ସାଥିରେ ନେଇ କାର୍ଯ୍ୟ କରିବି। ପାଲଲହଡ଼ାର ବିକାଶ ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ଅନୁରୋଧ କରିବି।

## ୨୦ ବର୍ଷ ପରେ ଭାଜପାକୁ ଫେରିଲେ ପ୍ରଦୀପ୍ତ

ଅନୁଗୋଳ ଅଫିସ, ୨।୪

ଦୀର୍ଘ ୨୦ ବର୍ଷ ହେଲା ଭାଜପାରୁ ଦୂରେଇ ରହିଥିବା ପ୍ରଦୀପ୍ତ ତ୍ରିପାଠୀ ମଙ୍ଗଳବାର ପୁଣି ଦଳକୁ ଫେରିଛନ୍ତି। ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ତାଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱାଗତ କରାଯାଇଥିଲା। ସେ ପୂର୍ବରୁ ସର୍ବଭାରତୀୟ ରକ୍ତଦାନ ସଙ୍ଗଠନ ମହାସଭାର ଉପସଭାପତି ତଥା ଓଡ଼ିଶା ସରକାରଙ୍କ ରକ୍ତଦାନ କମିଟିର ପରାମର୍ଶଦାତା ଥିଲେ। ଏଥିସହ ଓଡ଼ିଶା ରକ୍ତଦାନ ସଂଘର ପୂର୍ବତନ ରାଜ୍ୟ ସଭାପତି ଥିଲେ। ଅତୀତରେ ସେ ଭାଜପା ଜିଲା ସଭାପତି ଦାୟିତ୍ୱରେ ରହିବା ସହ ବିଧାନସଭା ପ୍ରାର୍ଥୀ ହୋଇ ନିର୍ବାଚନ ମଧ୍ୟ ଲଢ଼ିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା କାଯ୍ୟକ୍ରମରେ ଅନୁଗୋଳ ଭାଜପା ପ୍ରାର୍ଥୀ ପ୍ରତାପଚନ୍ଦ୍ର ପ୍ରଧାନ ଓ ଅନୁଗୋଳ ପ୍ରଭାରୀ ଯଯାତି ପଟ୍ଟନାୟକ, ବିସ୍ତାରକ ପ୍ରଦୀପ ବିଶ୍ୱାଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଜଗନ୍ନାଥ ଗଡ଼ନାୟକ ସିଂହ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଏକ ମିଶ୍ରଣ ପର୍ବ ବୁଢ଼ାପଙ୍କ ପଞ୍ଚାୟତ ତେନ୍ତୁଳିହତା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସର ନେତା ଶରତ ଚନ୍ଦ୍ର ନାଏକ ଓ ଅନିଲ ନାଏକଙ୍କ ସହ ସମର୍ଥକମାନେ ସାମିଲ ହୋଇଥିଲେ।


ପ୍ରଦୀପ୍ତଙ୍କୁ ସ୍ୱାଗତ କରାଯାଉଛି।

## ତାଳଚେର: ୩ ପ୍ରାର୍ଥୀଙ୍କ ନାମାଙ୍କନ


ସ୍ୱାଧୀନ ପ୍ରାର୍ଥୀ ମନୋଜ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ଶୋଭାଯାତ୍ରାରେ ଯାଉଛନ୍ତି ଏସ୍‌ୟୁସିଆଇ ପ୍ରାର୍ଥୀ।

ତାଳଚେର,୨।୪(ନି.ପ୍ର.)

ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ମଙ୍ଗଳବାର ୩ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଇଂ. ମନୋଜ ପ୍ରଧାନ, ଏସ୍‌ୟୁସିଆଇ ପ୍ରାର୍ଥୀ ପ୍ରହଲ୍ଲାଦ ସାହୁ ଓ କଂଗ୍ରେସ ଦଳର ସୁରେଶ ଚନ୍ଦ୍ର ବେହେରା ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ପ୍ରଧାନ ନିଜ ହଜାର ହଜାର ସମର୍ଥକଙ୍କ ସହ ଜଗନ୍ନାଥ ମନ୍ଦିର ଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହାପରେ ଏସ୍‌ୟୁସିଆଇ ପ୍ରାର୍ଥୀ ପ୍ରହଲ୍ଲାଦ ସାହୁ ହାଟତୋଟା ମଙ୍ଗଳା ମନ୍ଦିର ଠାରୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ୨ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସୁରେଶ ଚନ୍ଦ୍ର ବେହେରା ଗୋଟିଏ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି।

## ଏନ୍‌ଟିପିସିରେ ଓଡ଼ିଶା ଦିବସ

ତାଳଚେର,୨।୪(ନି.ପ୍ର.)


ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପରେ ୮୪ ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରମେଶ ବାବୁ, ଢେଙ୍କାନାଳ ସମାଜ ବିକାଶ କେନ୍ଦ୍ରର ଡ.ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ ଓ ତପସ୍ୟାକୁ ସ୍ମରଣ କରିଥିଲେ। ଏସ.ଏସ. ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର ଏନ.ଏସ. ରାଓ, ବି. ମହାରଣା, କେ.କେ. ଦାସ, ନବୀନ ବାଗି, ଦୀପ୍ତି କୁବେର, ତନଭି ସଙ୍ଗମ ସଦସ୍ୟା, ବରିଷ୍ଠ ଅଧିକାରୀ, କର୍ମଚାରୀ, ୟୁନିୟନ ପ୍ରତିନିଧିଗଣ ଯୋଗ ଦେଇଥିଲେ।

## କୋଇଲା ବୋଝେଇ ବେଳେ ୨ ଗାଡ଼ି ଜବତ

ତାଳଚେର,୨।୪(ନି.ପ୍ର.)

ଚୋରା କୋଇଲା କାରବାରରେ ନିୟୋଜିତ ଥିବା ବେଳେ ସ୍ଥାନୀୟ ସୈନିକ ସ୍କୁଲ ପଛ ପାଖରୁ ତାଳଚେର ପୋଲିସ ଟ୍ରକ୍ ସହ ଏକ ମେଶିନ (ନଂ. ଓଆର୦୯କ୍ୟୁ-୫୭୮୮, ଓଡି୩୫-୮୯୫୦) ଜବତ କରିଛି । ଚୋରା କୋଇଲା ବୋଝେଇ ହେଉଥିବା ଖବରପାଇ ତାଳଚେର ପୋଲିସ ସେଠାରେ ଚଢ଼ାଉ କରିଥିଲା। ଲେବର ଓ ଗାଡି ଚାଳକ ଫେରାର ହୋଇ ଯାଇଥିବା ବେଳେ ଖୁବ୍‌ଶୀଘ୍ର ଗାଡ଼ି ମାଲିକଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

## ପାଲଲହଡ଼ା: ନାମାଙ୍କନ ଭରିଲେ ୩

ପାଲଲହାଡା,୨।୪(ଡି.ଏନ.ଏ.)

ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମଙ୍ଗଳବାର ଭାଜପା, କଂଗ୍ରେସ, ସିପିଆଇଏମ୍‌ର ୩ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନ ୧୦ଟାରେ କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଗଡ଼ନାୟକ ସମର୍ଥକଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ସିପିଆଇଏମ୍ ପ୍ରାର୍ଥୀ ମିନା ପ୍ରଧାନ ନିଜ ସମର୍ଥକଙ୍କ ସହ ସ୍ଥାନୀୟ ମାଉସୀ ମା ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ନିର୍ବାଚନ ଅଧିକାରୀଙ୍କ ପାଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହାପରେ ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ସମର୍ଥକଙ୍କ ସହିତ ସ୍ଥାନୀୟ ଶିବ ମନ୍ଦିର ନିକଟରୁ ବିଶାଳ ଶୋଭାଯାତ୍ରାରେ ବାହାରି ଉପଜିଲାପାଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ପରେ ସେଠାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଏହାପରେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅଜିତ କୁମାର ପ୍ରଧାନଙ୍କୁ ୨ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭାଜପା ଢେଙ୍କାନାଳ ଲୋକ ସଭାକ୍ଷେତ୍ର ପ୍ରଭାରୀ ନିରଞ୍ଜନ ମିଶ୍ର, ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ଜିଲା ପରିଷଦ ସଦସ୍ୟ ସରୋଜ କୁମାର ସାହୁ, ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସମେତ ବହୁ ଭାଜପା ନେତା ଉପସ୍ଥିତ ଥିଲେ।


ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।


ଅନୁଗୋଳ ଉପଜିଲାପାଳଙ୍କ ନିକଟରେ ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ଅନୁଗୋଳ ଉପଜିଲାପାଳଙ୍କୁ ପ୍ରାର୍ଥିପତ୍ର ପ୍ରଦାନ କରୁଛନ୍ତି ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମଣ କୁମାର ସାହୁ।


ଏସ୍‌ୟୁସିଆଇ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

## ଦାଖଲ ହେଲା ୮ ପ୍ରାର୍ଥିପତ୍ର

# ବାଜା, ବାଣରେ କମ୍ପିଲା ସହର

ଅନୁଗୋଳ ଅଫିସ, ୨।୪

ଅନୁଗୋଳ ନିର୍ବାଚନ ଅଧିକାରୀଙ୍କ ନିକଟରେ ମଙ୍ଗଳବାର ମୋଟ୍ ୮ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ବୁଧବାର କଂଗ୍ରେସ ଓ ବିଜେଡି ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରାଯିବ ବୋଲି ସୂଚନା ମିଳିଛି। ଅନୁଗୋଳ ନିର୍ବାଚନମଣ୍ଡଳୀରୁ ଏସ୍‌ୟୁସିଆଇ(ସି)ରୁ ମନ୍ଦୋଦରୀ ରାଉଳ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ଭାଜପାରୁ ପ୍ରତାପ ଚନ୍ଦ୍ର ପ୍ରଧାନ, ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆର ଅନିଲ ଭୋଇ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଲକ୍ଷ୍ମଣ କୁମାର ସାହୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରୁ ଏସ୍‌ୟୁସିଆଇ(ସି)ର ଭରତ କୁମାର ନାଏକ, ଭାଜପାରୁ ଅଗସ୍ତି ବେହେରା, ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆରୁ ସୁବାସ ନାଏକ ଓ ସ୍ୱାଧୀନପ୍ରାର୍ଥୀ ଭାବେ ଛବିନ୍ଦ୍ର ସିଂହ ସାମନ୍ତ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାଜପା ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ଆସିବା ବେଳେ କେତେଜଣ ସମର୍ଥକ ପୋଲିସର ସୁରକ୍ଷା ବଳୟକୁ ଭାଙ୍ଗି ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିଥିବାବେଳେ ଆଉ କେତେଜଣ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ଧସେଇ ପସିଯାଇଥିଲେ।


ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତୀ ବେହେରା ଶୋଭାଯାତ୍ରାରେ ନାମାଙ୍କନ ପାଇଁ ଯାଉଛନ୍ତି।

ଏହି ପ୍ରାର୍ଥିପତ୍ର ଦାଖଲ ପାଇଁ ଅନୁଗୋଳ ସହର ମଙ୍ଗଳବାର ଲୋକାରଣ୍ୟ ହୋଇପଡ଼ିଥିଲା। ସ୍ଥିତି ଏପରି ହୋଇଥିଲା ଯେ କେତେକ ସ୍ଥାନରେ ଟ୍ରାଫିକ୍ ଜାମ ସ୍ଥିତି ସୃଷ୍ଟି ହୋଇଥିଲା। ବାଜା, ବାଣ ଓ ଶୋଭାଯାତ୍ରାରେ ସହର ଫାଟି ପଡୁଥିବାବେଳେ ଜିନ୍ଦାବାଦ ଧ୍ୱନିରେ ପୂରା ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ପ୍ରଥମେ ଏସ୍‌ୟୁସିଆଇ(ସି) ପକ୍ଷରୁ ଅନୁଗୋଳ ନିର୍ବାଚନମଣ୍ଡଳୀ ପାଇଁ ମନ୍ଦୋଦରୀ ରାଉଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ପାଇଁ ଭରତ କୁମାର ନାଏକ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହାପରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଛବିନ୍ଦ୍ର ସିଂହ ସାମନ୍ତ ନାମାଙ୍କନ ଦାଖଲ କରିଥିଲେ। ପରେ ଭାଜପା ଶକ୍ତି ପ୍ରଦର୍ଶନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଭାଜପାର ଅନୁଗୋଳ ବିଧାନସଭା ପ୍ରାର୍ଥୀ ପ୍ରତାପଚନ୍ଦ୍ର ପ୍ରଧାନ, ଛେଣ୍ଡିପଦାର ବିଧାନସଭା ପ୍ରାର୍ଥୀ ଅଗସ୍ତି ବେହେରା ସମର୍ଥକଙ୍କ ସହ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ଭାଜପା ପକ୍ଷରୁ ଏହି ମିଳିତ ଶୋଭାଯାତ୍ରା ବେଳେ ସ୍ଥିତି ଅଣଆୟତ ହୋଇପଡ଼ିଥିଲା। କେତେଜଣ ସମର୍ଥକ ଶୋଭାଯାତ୍ରାରୁ ବାହାରିଆସି ଜିଲାପାଳଙ୍କ କାର୍ଯ୍ୟାଳୟ ପଛ ଗେଟ ଦେଇ ଭିତରକୁ ପଶିଆସିଥିଲେ। ଅନ୍ୟମାନେ ମୁଖ୍ୟ ଫାଟକ ଦେଇ ଧସେଇ ପଶିଥିଲେ। ଭାଜପା ପରେ ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ ଅନୁଗୋଳ ନିର୍ବାଚନମଣ୍ଡଳୀ ପାଇଁ ଅନିଲ ଭୋଇ ଓ ଛେଣ୍ଡିପଦା ପାଇଁ ସୁବାସ ନାଏକ ନାମାଙ୍କନପତ୍ର ଦାଖଲ କରିଥିଲେ। ଶେଷରେ ଅନୁଗୋଳ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମଣ କୁମାର ସାହୁ ପ୍ରାର୍ଥିପତ୍ର ଦାଖଲ କରିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଲଉଡ଼ି ଖେଳ ପ୍ରତିଯୋଗିତା

ପଦ୍ମପୁର, ୨।୪ (ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ କଶିମଳାଗୋଠଠାରେ ଯାଦବ ସଂଘ ପକ୍ଷରୁ ଲଉଡ଼ି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ରତ୍ନାକର ମହାକୁଡ଼ ସଭାପତିତ୍ୱ କରିଥିଲେ। ଅଧାପକ ସୁଶୀଲ ଚନ୍ଦ୍ର ମାଇତି ମୁଖ୍ୟଅତିଥି ଏବଂ କମଳାକାନ୍ତ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭଗବାନ ନାୟକ ମଞ୍ଚ ଓ କାହ୍ନୁଚରଣ ମହାକୁଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୨ ଦଳ ଅଂଶଗ୍ରହଣ କରିଥିବା ବେଳେ ଗଦି ଯାଦବ ସଂଘ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଶେଷରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରକ୍ତଦାନ ଶିବିର: ୫୨ ୟୁନିଟ ସଂଗ୍ରହ

ପଦ୍ମପୁର, ୨।୪ (ଡି.ଏନ.ଏ.): ଭଦ୍ରକ ବ୍ଲକ ସାହାଡ଼ା ପଞ୍ଚାୟତର ହରିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବଳରାମ ଆଦର୍ଶ ବରିଷ୍ଠ ବିକାଶ ମଞ୍ଚ ଓ ରାଧାମୋହନ ଯୁବକ ସଂଘର ମିଳିତ ଉଦ୍ୟମରେ ଶିବିର ଆୟୋଜିତ ହୋଇଥିଲା। ଅନୁଷ୍ଠାନର ସଭାପତି ଚକ୍ରଧର ପାଣିଗ୍ରାହୀ, ସମ୍ପାଦକ ଶରତ ପାଣିଗ୍ରାହୀ, ଯୁବକ ସଂଘ ସଭାପତି ନରସିଂହ ପାଣିଗ୍ରାହୀ, ସମ୍ପାଦକ ଭରତ କୁମାର ପାଣିଗ୍ରାହୀ, ସଭ୍ୟ ଚନ୍ଦନ ପାଣିଗ୍ରାହୀ, ଆଜାଦ୍ ବାହିନୀର ସଭାପତି କାହ୍ନୁ ଧୂପାଳ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ବାସନ୍ତୀଲତା ରାଉତ, ଡା. ସତ୍ୟସୁନ୍ଦର ପାଣିଗ୍ରାହୀ, ଟେକ୍ନିସିଆନ ରବିନାରାୟଣ ଖୁଣ୍ଟିଆ, କାଉନସିଲର ରତିକାନ୍ତ ବଳ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ହରିପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ମହାପାତ୍ର ଓ ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ଜେନା ସହାୟତା କରିଥିଲେ।

### ଜଳଛତ୍ର ଉଦ୍‌ଘାଟିତ



ଭଦ୍ରକ ଅଫିସ, ୨।୪: ଭଦ୍ରକ ପୌରାଞ୍ଚଳରେ ପୌରପରିଷଦ ପକ୍ଷରୁ କୌଣସି ଜଳଛତ୍ର ଖୋଲା ଯାଇ ନ ଥିବା ବେଳେ ଭଦ୍ରକର ସାମାଜିକ ଅନୁଷ୍ଠାନ ଶହୀଦ ଭଗତସେନା ପରିବାର ତରଫରୁ ବାଇପାସ ଠାରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଜଳଛତ୍ରକୁ ସେନାର ଆବାହକ ତଥା ସମାଜସେବୀ ସୀତାଂଶୁ ଶେଖର ମହାପାତ୍ର ସେନାପରିବାର ସଦସ୍ୟଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ତାପ ଜନିତ ଅଂଶୁଘାତର ସଚେତନତା ନିମନ୍ତେ ଏହି ଜଳଛତ୍ର ସେବା ଯୋଗାଇ ଦେବ ବୋଲି ଆବାହକ ମହାପାତ୍ର ସୂଚନା ଦେଇଛନ୍ତି। ଉଦ୍‌ଘାଟନ ଅବସରରେ ଜନସାଧାରଣଙ୍କ ନିମନ୍ତେ ଘୋଳଦହି ଓ ରସ୍ନା ସରବତ୍ ବଣ୍ଟା ଯାଇଥିଲା। ଏତତ୍ ବ୍ୟତୀତ ପଶୁପକ୍ଷୀ ମାନଙ୍କ ନିମନ୍ତେ ଏକ ପାଣି କୁଣ୍ଡ ମଧ ବସାଯାଇଛି।

### ନବଗ୍ରହ ବିଶ୍ୱଶାନ୍ତି ମହାଯଜ୍ଞ

ପଦ୍ମପୁର, ୨।୪(ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଠାରେ ୧୦ମ ବାର୍ଷିକ ନବଗ୍ରହ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ଦିଆଯିବ ବୋଲି ଯଜ୍ଞର ଆୟୋଜନ ରଘୁନାଥ ଗ୍ରହାଚାର୍ଯ୍ୟ ଓ ପ୍ରତାପ କୁମାର ଗ୍ରହାଚାର୍ଯ୍ୟ ସୂଚନା ଦେଇଛନ୍ତି। ଏଥିଲାଗି ରବିବାର ଶୁଭାଧିବାସ ସହ ଗୁରୁ, ସୂର୍ଯ୍ୟ, ଧରିତ୍ରୀ ଗୋମାତା, ନାରାୟଣ, ଶିବଦୁର୍ଗା, ନବଗ୍ରହ ପୂଜନ ସହ ବେଦ ଓ ଗୀତା ପଠନ କରାଯାଇଛି। ଏହି ଯଜ୍ଞକୁ ପଣ୍ଡିତ ମହେଶ ଶର୍ମା, ପଣ୍ଡିତ କରୁଣା ଶର୍ମା, ପଣ୍ଡିତ ଶମ୍ଭୁନାଥ ଶର୍ମା, ପଣ୍ଡିତ ଗୋବିନ୍ଦ ଶର୍ମା, ପଣ୍ଡିତ ରମେଶ ଶର୍ମା, ପଣ୍ଡିତ ଦିବାକର ଶର୍ମା ପ୍ରମୁଖ ସମ୍ପାଦନ କରୁଥିବା ବେଳେ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ଯଜ୍ଞ କାର୍ଯ୍ୟ ନିମନ୍ତେ ସମସ୍ତ ଆୟୋଜନ କରିଥିବାର ସୂଚନା ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ଚଣ୍ଡୀପାଠ ସହ ସନ୍ଧ୍ୟାରେ ପାଲା ପରିବେଷଣ ଓ ବୁଧବାର ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ କରାଯିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକ ମାନେ ସୂଚନା ପ୍ରଦାନ କରିଛନ୍ତି।

■ ଜମି ବିବାଦ: କାମରେ ଆସୁନି ମନ୍ତେଇ ସେତୁ

# ପୁରୁଣା କାଠପୋଲ ଏବେ ଭରସା

ପଦ୍ମପୁର, ୨।୪(ଡି.ଏନ.ଏ.)



ମାଟିଆସାହିରେ ଥିବା କାଠପୋଲ।

■ସରୁନି ଆପ୍ରୋଚ ରୋଡ଼ ନିର୍ମାଣ କାର୍ଯ୍ୟ
■ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି

ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ଓ ତିହିଡି ବ୍ଲକକୁ ସଂଯୋଗୀକରଣ ତଥା ଗମନାଗମନ ପାଇଁ ମନ୍ତେଇ ନଦୀ ଉପରେ ବାହାବଳପୁର ପଞ୍ଚାୟତର ମାଟିଆସାହି ଠାରେ ନାବାର୍ଡ ସହାୟତାରେ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ସେତୁ ଜମି ବିବାଦ କାରଣରୁ ସମ୍ପୂର୍ଣ୍ଣ ହୋଇପାରୁନି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ୟାକେଜ ନଂ ୯୬/ଏଫ୍ ୨/ ୨୦୧୨-୧୩ ରେ ନିର୍ମିତ ଏହି ପୋଲ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିର୍ମାଣ ହୋଇ ନ ପାରିବାରୁ ସାନି ଟେଣ୍ଡର ଡକାଯାଇଥିଲା।

୨୦୧୫/୧୬ରେ ବିଭାଗ ତରଫରୁ ୫.୦୯ କୋଟି ଟଙ୍କା ବ୍ୟୟରେ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଗତ ୨ ବର୍ଷ ହେଲା ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଜମି ବିବାଦ କାରଣରୁ ଆପ୍ରୋଚ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ୬ ମାସ ତଳେ ବ୍ୟକ୍ତିଗତ ଜମିରେ ନିର୍ମିତ ଆପ୍ରୋଚ ରାସ୍ତା ୩୦ ଫୁଟ ତଳକୁ ଧସି ଯାଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଗ୍ରାମର କୈବଲ୍ୟ ପରିଡା, ଚକ୍ରଧର ପରିଡା, ଦଶରଥ ପରିଡା, ବାଇଧର ପରିଡା, ଅକ୍ଷୟ ପରିଡାଙ୍କର ସ୍ଥିତିବାନ ଜମିକୁ ଜିଲା ପ୍ରଶାସନ ବଦଳି କରି ସମ ପରିମାଣର ଜମି ଯୋଗାଇ ଦେବା ପାଇଁ ଚୁକ୍ତି କରିଥିଲା। ହେଲେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଘରୋଇ ୭୭ ଡିସିମିଲ ଜମି ବଦଳରେ ସରକାରୀ ଜମି ଯୋଗାଇ ବା କାଗଜ କଲମରେ ସୀମିତ ରହିଛି। ସୂଚନା ଅନୁଯାୟୀ ୭୭ ଡିସିମିଲ ଜମି ବଦଳରେ ଜିଲା ପ୍ରଶାସନ ୬୫ ଡିସିମିଲି ଜମି ହସ୍ତାନ୍ତର କରିଥିବା ବେଳେ ଆଉ ୧୨ ଡିସିମିଲି ଜମିର ହସ୍ତାନ୍ତରର ଆବଶ୍ୟକତା ଅଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କର ତରଫରୁ ହୋଇଥିବା ଚୁକ୍ତିକୁ ଜିଲା ପ୍ରଶାସନ କାର୍ଯ୍ୟକାରୀ କରିବାରେ ଅବହେଳା ପ୍ରଦର୍ଶନ କରୁଥିବାର ଅଭିଯୋଗ ଗ୍ରାମବାସୀଙ୍କ ତରଫରୁ କରାଯାଇଛି। ସୂଚନା ଯୋଗ୍ୟ ଯେ ଏହି ରାସ୍ତା ନେଇ ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ, ବାଲିମେଦ, ଲକ୍ଷ୍ମୀଦାସପୁର, ରାଜଘରପୋଖରୀ, ବିରସ, ବିଦେଇପୁର, ବାଲିମୁଣ୍ଡା ଓ ତିହିଡି ବ୍ଲକର ସୟା ମହରମପୁର, ବାହାବଳପୁର ପଞ୍ଚାୟତର ହଜାର ହଜାର ଜନସାଧାରଣ ପ୍ରତ୍ୟହ ଯାତାୟାତ କରିଥାନ୍ତି। ପୋଲ ନିର୍ମାଣ ୨ ବର୍ଷ ପରେ ବି ଲୋକେ ବିପଦଶଙ୍କୁଳ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କାଠ ପୋଲ ଉପରେ ଯାତାୟାତ କରୁଛନ୍ତି ଯାହା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଆଗାମୀ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରିବାକୁ ଖୋରାକ ଯୋଗାଇଛି। ଆସନ୍ତା ୧୫ ଦିନ ମଧ୍ୟରେ କ୍ଷତିଗ୍ରସ୍ତଜମି ମାଲିକଙ୍କୁ ଜମି ଯୋଗାଇ ନ ଦେଲେ ସେମାନେ ନଦୀ ଉପରେ ନିର୍ମିତ ସଂଯୋଗୀକରଣ ରାସ୍ତାରେ ଗୃହ ନିର୍ମାଣ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ତିହିଡି ତହସିଲଦାର ଅନୀତା ନାୟକ ଏନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଜମି ଯୋଗାଇ ଦେଇ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି।

## ଲକ୍ଷ୍ନୌରେ ମନ ମୋହିଲା ଭଦ୍ରକର ଘୋଡାନାଚ



କଳାକାରମାନେ ଘୋଡାନାଚ ପରିବେଷଣ କରୁଛନ୍ତି।

ଭଦ୍ରକ ଅଫିସ, ୨।୪

ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ସୋମବାର ଉତ୍କଳ ଦିବସ ଉପଲକ୍ଷେ ଲକ୍ଷ୍ନୌ ଓଡିଆ ସମାଜ ଏବଂ ଉତ୍ତର ପ୍ରଦେଶ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଉତ୍ତରପ୍ରଦେଶର ରାଜ୍ୟପାଳ ରାମନାଇକ ମୁଖ୍ୟଅତିଥି ଏବଂ ପ୍ରସିଦ୍ଧ ସାହିତ୍ୟକାର ଦେବଦାସ ଛୋଟରାୟ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳୀୟ କଳା ଓ ସଂସ୍କୃତିର ନିଦର୍ଶନ ଓଡିଶୀ ନୃତ୍ୟ ଏବଂ ଭଦ୍ରକର ଘୋଡାନାଚ ପରିବେଷଣ କରାଯାଇଥିଲା। ଭଦ୍ରକ ନଟରାଜ ସାଂସ୍କୃତିକ ପ୍ରତିଷ୍ଠାନ ତରଫରୁ ଅନୁଷ୍ଠିତ ଘୋଡାନାଚ ଦର୍ଶକଙ୍କ ବେଶ ମନ ମୋହିଥିଲା।

## ୬୦ରୁ ଉର୍ଦ୍ଧ୍ୱ ଯୁବ ଭୋଟର ବିଜେଡିରେ ମିଶିଲେ

ବାସୁଦେବପୁର, ୨।୪(ଡି.ଏନ.ଏ.)



ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ।

ବାସୁଦେବପୁର ବ୍ଲକର ନବଗଠିତ ଶାଶୁଭୁଆଶୁଣୀ ପଞ୍ଚାୟତର ୬୦ରୁ ଉର୍ଦ୍ଧ୍ୱ ଯୁବ ଭୋଟର ବିଜେଡି ଦଳ ପ୍ରତି ଆକର୍ଷିତ ହୋଇ ସୋମବାର ଅପରାହ୍ନରେ ବାସୁଦେବପୁର ସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡିର ବାସୁଦେବପୁର ବିଧାନସଭା ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ, ଜିଲା ଯୁବ ବିଜେଡି ଉପସଭାପତି ଦେବଦର୍ଶନ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ଅସିତ ଦାସ, ଛାତ୍ର ସଙ୍ଗଠନ ସଭାପତି କାଳନ୍ଦୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା। ଶାଶୁଭୁଆଶୁଣୀ ପଞ୍ଚାୟତର ଯୁବନେତା ଲକ୍ଷ୍ମୀକାନ୍ତ ମଲିକଙ୍କ ନେତୃତ୍ୱରେ ୬୦ ରୁ ଉର୍ଦ୍ଧ୍ୱ ଯୁବ ଭୋଟର ମାନେ ଦଳରେ ସାମିଲ ହୋଇଥିଲେ। ଏହି ମିଶ୍ରଣପର୍ବରେ ଦଳ ଅଧିକ ମଜ୍‌ଭୁତ ହେବ ବୋଲି କୁହାଯାଇଛି।

## ବିଶୋଇ ଗୁରୁକୁଳ ବିଦ୍ୟାମନ୍ଦିରରେ 'ମହକ' ଉଦ୍‌ଯାପିତ

ବିଶୋଇ,୨।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ ବିଶୋଇ ଗୁରୁକୁଳ ବିଦ୍ୟାମନ୍ଦିରରେ ୭ମ ବାର୍ଷିକ ଉତ୍ସବ 'ମହକ' ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଗାନ୍ଧୀ ବାଦୀ ସମାଜସେବୀ କଂଗ୍ରେସ ଭାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓଡିଶା ଗୁରୁକୁଳ ବିଦ୍ୟାମନ୍ଦିର ଶାଖାର ସମ୍ପାଦକ ମାୟାଧର ବିଶ୍ୱାଳ, ରାଜ୍ୟ ଗୁରୁକୁଳ ବିଦ୍ୟାମନ୍ଦିରର ପରିଚାଳକ ଅକ୍ଷୟ କୁମାର ଭୋଜ ପ୍ରମୁଖ ଉପସ୍ଥିତ ଥିଲେ। ବିଶୋଇ ଗୁରୁକୁଳ ବିଦ୍ୟାମନ୍ଦିରର ସମ୍ପାଦକ ଜୟନ୍ତ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଜୀବନରେ କିଭଳି ସଫଳତା ମିଳିପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ରୀ ଓ ଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ ଗୀତରେ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା।



ମହକ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।



ସୋନାଲିଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ବର୍ଦ୍ଧିତ କରୁଛନ୍ତି।

## ଡାକ୍ତରୀ ଛାତ୍ରୀ ସୋନାଲିଙ୍କ କୃତିତ୍ୱ

ଭଦ୍ରକ ଅଫିସ, ୨।୪

ଚଳିତ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବରେ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଉତ୍ତୀର୍ଣ୍ଣ ଛାତ୍ରୀ ଡା. ସୋନାଲି ପଲାଇ ଶ୍ରେଷ୍ଠ ସ୍ନାତକ ଭାବେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଦୁଇଟି ସ୍ୱର୍ଣ୍ଣ ପଦକ ପାଇ ସମ୍ମାନିତ ହୋଇଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ ଭାବେ ପ୍ରଥମ ଏମ୍‌ବିବିଏସ୍ ପରୀକ୍ଷାରେ ମଧ ପୂର୍ବତନ ରାଜ୍ୟପାଳ ଏସ୍‌ସି ଜମିରଙ୍କ ଠାରୁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଡା. ସୋନାଲି ତାଙ୍କର ଏମ୍‌ବିବିଏସ୍ କ୍ୟାରିୟରରେ ୮ଟି ବିଷୟରେ ସମ୍ମାନ ପାଇବାର କୃତିତ୍ୱ ଅର୍ଜନ କରିଛନ୍ତି। ତାଙ୍କ ଘର ଭଦ୍ରକ ଜାନୁଗଞ୍ଜ ଅଞ୍ଚଳରେ। ତାଙ୍କ ପିତା ହେଲେ ଡା. ସରୋଜ କୁମାର ପଲାଇ ଓ ମା'ଙ୍କ ନାମ ଅଧାପିକା ସନ୍ଧ୍ୟାରାଣୀ ନାୟକ।

## ନିଲମ୍ବନ ହେଲେ ଜିଲା ଶ୍ରମ ଅଧିକାରୀ

ଭଦ୍ରକ ଅଫିସ, ୨।୪

ସୋସିଆଲ ମିଡିଆରେ ଜିଲା ଶ୍ରମ ଅଧିକାରୀ ଯଶ୍ମିନ ଶୁଭଦର୍ଶିନୀ ସାହୁ ମୋବାଇଲ ଯୋଗେ ଲାଞ୍ଚ ମାଗୁଥିବା କଥୋପକଥନର ଅଡିଓ ଟ୍ୟାପ୍ କିଛି ଦିନ ପୂର୍ବେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଉକ୍ତ ଅଡିଓ ଟ୍ୟାପ୍ ଘଟଣାକୁ ନେଇ ବିଭିନ୍ନ ଗଣମାଧମରେ ପ୍ରକାଶ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଘଟଣାର ତଦନ୍ତ ପାଇଁ ଶ୍ରମ କମିଶନରଙ୍କ ନିକଟକୁ ପତ୍ର ପଠାଇଥିଲେ। ଶ୍ରମ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶ୍ରମ ଅଧିକାରୀ ମଙ୍ଗଳବାର ଯଶ୍ମିନଙ୍କୁ ନିଲମ୍ବନ କରିଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ଭାଜପାର ମିଶ୍ରଣପର୍ବ

ଭଦ୍ରକ ଅଫିସ, ୨।୪

ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ବିଧାନସଭା ଆସନ ପ୍ରାର୍ଥୀ ଡ. ପ୍ରଦୀପ ନାୟକଙ୍କ କାର୍ଯ୍ୟକଳାପ ଓ ଦଳୀୟ ଆଦର୍ଶକୁ ସମ୍ମାନ ଜଣାଇ ୨ ଶହରୁ ଉର୍ଦ୍ଧ୍ୱ କର୍ମୀ ବିଭିନ୍ନ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଯୁବ ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ବିକାଶ ଶ୍ରେଷ୍ଠା ମିଶ୍ରଣପର୍ବରେ ଅଧକ୍ଷତା କରିଥିଲେ। ନୂତନ କର୍ମୀମାନେ ଦଳୀୟ ପ୍ରାର୍ଥୀ ଡ. ନାୟକଙ୍କୁ ବିଜୟୀ କରିବା ପାଇଁ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ସାହୁ, ବୀରେନ୍ଦ୍ର ଜେନା, ବୃଷଭାନୁ ସାହୁ, ଧର୍ମେନ୍ଦ୍ର ମଲିକ, ଶିବାନନ୍ଦ ଭଟ୍ଟାଚାର୍ଯ୍ୟ, ବାପୁଲା ମହାପାତ୍ର, ଶଶାଙ୍କ ଦାଶ, ହିମାଂଶୁ ଗୁପ୍ତା, ଆଶିଷ ସେଠ୍, ତୋଫାନ ବାରିକ, ପୁଷ୍ପକାନ୍ତ ସାହୁ, ରାଜେନ୍ଦ୍ର ସାହୁ, ରାଜେନ୍ଦ୍ର ପୃଷ୍ଟି, ପ୍ରଭାକର ସାମଲ, ଗଗନ ବାରିକ, ଓମ୍‌ପ୍ରକାଶ ଗୁପ୍ତା ଓ ସତ୍ୟପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବନ୍ତ/ଭଣ୍ଡାରିପୋଖରୀ/ଧାମନଗର ୨।୪(ସ୍ୱ.ପ୍ର./ଡି.ଏନ.ଏ.)

ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ ୨୦୧୯-୨୦ ଶିକ୍ଷା ବର୍ଷର ନାମ ଲେଖା ଓ ପ୍ରବେଶ ଉତ୍ସବ ପାଇଁ ମଙ୍ଗଳବାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରିଛନ୍ତି। ବନ୍ତ ବ୍ଲକ ପାନପଦୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ୬ରୁ ୧୪ ବର୍ଷ ପିଲାମାନଙ୍କୁ ବାଧତା ମୂଳକ ଶିକ୍ଷାରେ ସାମିଲ କରିବା ପାଇଁ ଅଭିଭାବକଙ୍କୁ ସଚେତନ କରାଇଥିଲେ। ପରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦ୍ମନାଭ ସେଠୀଙ୍କ ତତ୍ତ୍ୱାବଧାନରେ ଭାସ୍କର ଚନ୍ଦ୍ର ଶଙ୍ଖୁଆଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା।

ଆଖୁଆପଦା ଉନ୍ନୀତ ଉପ୍ରା ବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷ ୨୦୧୯-୨୦ ର ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ପରିଚାଳନା କମିଟି ସଭାପତି ଜଗବନ୍ଧୁ ମହାପାତ୍ର, ବିଭୁତି ଭୂଷଣ ମହାନ୍ତି, ଧନେଶ୍ୱର ସାହୁ, ଗାୟତ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ଶତପଥୀ, ମଧୁସ୍ମିତା ପରିଡା, ଦିପ୍ତିପ୍ରଭା ବେହୁରିଆ ପ୍ରମୁଖ ଯୋଗ ଦେଇ ସଭିଏଁ ପଢିବେ ଓ ସଭିଏଁ ବଢିବେ ଏବଂ ସାର୍ବଜନୀନ ଗୁଣାତ୍ମକ ଶିକ୍ଷାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନେ ପ୍ଲା କାର୍ଡ ଧରି ଶିକ୍ଷା ସଚେତନତା ଅଭିଯାନ ଗ୍ରାମ ପରିକ୍ରମା କରିଥିଲେ। ନୂତନ ଶିକ୍ଷାର୍ଥୀଙ୍କୁ ପୁଷ୍ପ, ଚନ୍ଦନ ଓ ସିନ୍ଦୂର ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା।

ଧାମନଗର ବ୍ଲକରେ ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟରେ ମଙ୍ଗଳବାର ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ବିଦ୍ୟାଳୟ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଉପର ଶ୍ରେଣୀରେ ନାମ ଲେଖା ସହିତ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନଙ୍କୁ ଆକର୍ଷିତ କରିବା ପାଇଁ ଫଳପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଫଳପୁର ଗ୍ରାମ ପରିକ୍ରମା କରିଥିଲେ । ପ୍ରଧାନ ଶିକ୍ଷକ ଧନେଶ୍ୱର ମହାଲିକଙ୍କ ତତ୍ତ୍ୱାବଧାନତାରେ ଶିକ୍ଷକ ଦାଶରଥୀ ଜେନା ପରିକ୍ରମା ପରିଚାଳନା କରିଥିଲେ। ଭଟ୍ଟସାହି ନୋଡାଲ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ମିଶ୍ରଙ୍କ ପରିଚାଳନାରେ ଗ୍ରାମ ପରିକ୍ରମା ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇ ନାମ ଲେଖା ଆରମ୍ଭ ହୋଇଥିଲା । କୋଠାର, ନସଲାପୁର, ବ୍ରାହ୍ମଣପାଳ, ପତ୍ରୀସାହି, ବାହାରବିଲ, ଧୂଷୁରୀ, ପୋଖରିଆ, ଧାମନଗର ନୋଡାଲ ଆଦି ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳିତ ହୋଇ ଯାଇଛି ।



ଆଖୁଆପଦା ଉନ୍ନୀତ ଉପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ।

■ ପ୍ରଥମ ଦିନରେ ଦାଖଲ ହେଲାନି ପ୍ରାର୍ଥିପତ୍ର

# ୧୦ରେ ଯାଞ୍ଚ, ୧୨ରେ ପ୍ରତ୍ୟାହାର

ଭଦ୍ରକ ଅଫିସ, ୨।୪



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାରିକେଡ କରାଯାଇଛି।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଶାସନ ତତ୍ପର ହୋଇଉଠେ। ୨ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲର ଦିନ ଧାର୍ଯ୍ୟ ରହିଛି। ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ଗୋଟିଏ ମଧ ପ୍ରାର୍ଥୀ ପତ୍ର ଦାଖଲ ହୋଇନାହିଁ। ୭ ତାରିଖ ରବିବାର ରହିଥିବାରୁ ଏହି ଦିନ କାର୍ଯ୍ୟାଳୟ ଛୁଟି ରହିବ। ୧୦ ତାରିଖରେ ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୧୨ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ଧାର୍ଯ୍ୟ ରହିଛି ଓ ଅପରାହ୍ନରେ ଚୂଡାନ୍ତ ପ୍ରାର୍ଥୀପତ୍ର ତାଲିକା ପ୍ରକାଶ ପାଇବ। ଏଥିପାଇଁ ୪ ଜଣ ରିଟର୍ଣ୍ଣିଂ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଲୋକସଭା ପ୍ରାର୍ଥୀ ମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିକଟରେ ନିଜ ପ୍ରାର୍ଥୀପତ୍ର ଦାଖଲ କରିବେ। ସେହିଭଳି ଭଣ୍ଡାରିପୋଖରୀ ଓ ଭଦ୍ରକ ବିଧାନସଭା କ୍ଷେତ୍ର ପାଇଁ ରିଟର୍ଣ୍ଣିଂ ଅଫିସର ଭାବେ ଉପଜିଲାପାଳ ପୀତାମ୍ବର ସାମଲ ରହିଥିବା ବେଳେ ବାସୁଦେବପୁର ଓ ଚାନ୍ଦବାଲି ବିଧାନସଭା ପାଇଁ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ରିଟର୍ଣ୍ଣିଂ ଅଫିସର ଦାୟିତ୍ୱରେ ରହିଛନ୍ତି। ସେହିଭଳି ଧାମନଗର ବିଧାନସଭା କ୍ଷେତ୍ର ପାଇଁ ରିଟର୍ଣ୍ଣିଂ ଅଫିସର ଭାବେ ଅତିରିକ୍ତ ଉପଜିଲାପାଳ ହେମନ୍ତ କୁମାର ବିହାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ନାମାଙ୍କନପତ୍ର ଦାଖଲ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଅଧିକ ମାତ୍ରାରେ ପୋଲିସ ମୁତୟନ କରାଯାଇଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ ୨ଜଣ ମାଜିଷ୍ଟ୍ରେଟ୍ ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରାଇଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଦିଆଯାଇଥିବାବେଳେ ସହକାରୀ ଜିଲାପାଳ ବିଶ୍ୱନାଥ ବିଶ୍ୱାଳଙ୍କୁ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ପୁରୁଣା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ପିଏମ୍ ହାଇସ୍କୁଲରେ ପ୍ରବେଶ ଉତ୍ସବ

କଣିହାଁ,୨।୪(ଡି.ଏନ.ଏ.)- କଣିହାଁ ବ୍ଲକ ମହକୁମାରେ ସର୍ବପୁରାତନ ପବିତ୍ରମୋହନ ହାଇସ୍କୁଲରେ ଚଳିତ ଶିକ୍ଷା ବର୍ଷ ପାଇଁ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏ ନେଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବାକୁ ମୁରୁଜ ପକାଯିବା ସହ ବିଦ୍ୟାଳୟ ଫାଟକ ସମ୍ମୁଖରେ ପିଲାମାନଙ୍କୁ ଫୁଲ ଚନ୍ଦନ ଲଗାଯାଇଥିଲା। ପ୍ରବେଶ ଦ୍ୱାରରେ ପ୍ରଧାନଶିକ୍ଷକ ଦାଶରଥୀ ଜେନା, ସିଦ୍ଧି ପ୍ରାସଦ ସାହୁ, କୁଳମଣି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନୂତନ ବିଦ୍ୟାର୍ଥୀଙ୍କୁ ପାଛୋଟି ନେଇଥିଲେ।

### ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଛେଣ୍ଡିପଦା,୨।୪(ସ୍ୱ.ପ୍ର)- ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ଛେଣ୍ଡିପଦା ସଙ୍କୁଳର ୪ଦିନ ବ୍ୟାପୀ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ୨୦୧୯-୨୦ ଉଦ୍‌ଘାଟିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ତଥା ସଂଯୋଜକ ପ୍ରତାପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିପିନ ବିହାରୀ ବେହେରା, ମୁଖ୍ୟବକ୍ତା ଭାବେ ବିଭାଗ କାର୍ଯ୍ୟକାରିଣୀ ସଦସ୍ୟ ହେମନ୍ତ କୁମାର ଧର, ସମ୍ମାନିତ ଅତିଥି ଅଖିଳ ଭାରତୀୟ ସହ ବୈଦିକ ଗଣିତ ସଂଯୋଜକ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୬ଟି ଶିଶୁବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ୧୨୧ଜଣ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ। ସ୍ଥାନୀୟ ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସମିତିର ସଦସ୍ୟ, ଗୁରୁଜୀଗୁରୁମା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

### ଓଡ଼ିଶା ଦିବସ ପାଳିତ

ଛେଣ୍ଡିପଦା,୨।୪(ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ ବଡମହିତଲା ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ମହାପୁରୁଷମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଓଡ଼ିଶା ପ୍ରଦେଶ ଗଠନରେ ଯେଉଁ ବରପୁତ୍ରମାନଙ୍କ ଭୂମିକା ଥିଲା ତାଙ୍କ ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଗଣିତ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ, ସ୍ମିତାରାଣୀ ଖିଲାରୀ, ଆରତୀ ମହାପାତ୍ର, ସୁରଭି ପରିଡା, ଜିତେନ୍ଦ୍ର ବାରିକ, କୃଷ୍ଣ ଦାସ ପ୍ରମୁଖ ସହଯୋଗ କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

### କରୁଣାକର ଶ୍ରେଷ୍ଠ ଏଏସ୍‌ଆଇ



ବଇଣ୍ଡା,୨।୪(ଡି.ଏନ.ଏ.)- ଅନୁଗୋଳ ଜିଲା ଠାକୁରଗଡ଼ ଥାନାର ଏଏସ୍‌ଆଇ କରୁଣାକର ନନ୍ଦଙ୍କୁ ଜିଲାରେ ଶ୍ରେଷ୍ଠ ଏଏସ୍‌ଆଇ ଭାବେ ପୁରସ୍କୃତ କରାଯାଇଛି। ସୋମବାର ଅନୁଗୋଳ ଛେଳିଆପଡ଼ା ରିର୍ଜଭ ପଡ଼ିଆଠାରେ ପୋଲିସ ପ୍ରତିଷ୍ଠା ଦିବସରେ କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ କରୁଣାକରଙ୍କୁ ପୁରସ୍କୃତ କରିବା ସହ ନିଷ୍ଠା ରଖି କାମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଉପସ୍ଥିତ ଥିଲେ। କରୁଣାକରଙ୍କୁ ଠାକୁରଗଡ଼ ଥାନା କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

### ହରିଜନ ସମାଜର ବାର୍ଷିକ ବୈଠକ

କଣିହାଁ, ୨।୪ (ଡି.ଏନ୍.ଏ.)- କଣିହାଁ ବ୍ଲକ ୧୦ ନମ୍ବର ଜୋନ ଶୁଶୁବା ଓ ଗଣ୍ଡମଳା ପଞ୍ଚାୟତ ହରିଜନ ସମାଜର ବାର୍ଷିକ ବୈଠକ ଗଣ୍ଡମଳା ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ଅସ୍ଥାୟୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗେଙ୍ଗୁଟିଆ ସଭାପତି ହାଡ଼ିବନ୍ଧୁ ନାଏକ, ପୋଡ଼ାଗଡ଼ ସମ୍ପାଦକ ଧରଣୀଧର ନାଏକ ଯୋଗଦେଇ ହରିଜନ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ସମାଜର ସମସ୍ତ ସଦସ୍ୟ ଏକଜୁଟ ହୋଇ ରହିଲେ ସେମାନଙ୍କ ବିଭିନ୍ନ ଦାବି ହାସଲ କରାଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ପରେ ବୈଠକରେ ବାର୍ଷିକ ଆୟବ୍ୟୟର ହିସାବ ପ୍ରଦାନ କରାଯାଇଥିଲା।

## ନୂଆହତା ବାଲିସାହିରେ ଜଳ ସଙ୍କଟ

# ଘର ପିଛା ଭାଗ ୨ ଗରା



ପାଣି ପଏଣ୍ଟ ପାଖରେ ମହିଳାମାନେ ଗରା ଓ ମାଠିଆ ଧରି ଅପେକ୍ଷା କରିଛନ୍ତି।

**ବଅଁରପାଳ, ୨।୪ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକ ନୂଆହତା ବାଲି ସାହିରେ ଜଳ ସଙ୍କଟ ଦେଖାଦେଇଛି। ଫଳରେ ସାହିବାସୀ ପାଣି ଟିକିଏ ପାଇଁ ନାହିଁ ନ ଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସାହିରେ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଦୁଇଟି ନଳକୂପ ଥିଲେ ମଧ୍ୟ ଗ୍ରୀଷ୍ମ ଦିନେ ଭୂତଳ ଜଳ ହ୍ରାସ ପାଇବା ଯୋଗୁ ଭଲ ପାଣି ବାହାରୁ ନାହିଁ। ସାହିକୁ ଦୀର୍ଘ ଦିନ ହେଲା ପାଇପ୍ ବିଛାଯାଇ ୫ଟି ପଏଣ୍ଟ ସ୍ଥାପନ କରାଯାଇଛି। ମାତ୍ର କିଛି ଦିନ ହେଲା ପାଇପ୍ ଯୋଗେ ଠିକ୍ ଭାବେ ପାଣି ଆସୁନାହିଁ। ଅପରାହ୍ନରେ କେବଳ ଥରଟିଏ କେବେ ଆସୁଥିବାବେଳେ ଆଉ କେବେ ଆଦୌ ଆସୁନାହିଁ। ଯେଉଁ ଥରଟିଏ ଆସୁଛି ତାହା ଅଳ୍ପ ସମୟ ପାଇଁ ହୋଇଥିବାରୁ ପଏଣ୍ଟ ନିକଟରେ ଲୋକେ ଗରା ମାଠିଆ ଧରି ଭିଡ଼ ଜମାଉଛନ୍ତି। ଯେଉଁ ଅନୁପାତରେ ପାଇପ୍ ପାଣି ଯୋଗାଣ ହେଉଛି ତାହା ସାହିବାସୀଙ୍କୁ ନିଅଣ୍ଟ ପଡୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଘର ପିଛା ମାତ୍ର ୨ ଗରା ଲେଖାଏ ଭାଗ ପଡୁଥିବା ସାହିବାସୀ କହିଛନ୍ତି। ଏ ସମ୍ପର୍କରେ ସାହିର ଶାନ୍ତିଲତା ଭୋଇ, ସରୋଜିନୀ ଭୋଇ, ଜୟନ୍ତୀ ବେହେରା, ଫୁଲ ବେହେରା ଓ କଳ୍ପନା ମହାରଣା ପ୍ରମୁଖ କୁହନ୍ତି, ଖରା ଦିନେ ଆମେ ଜଳ କଷ୍ଟ ଭୋଗିଥାଉ। ସାହିକୁ ପାଇପ୍ ପାଣି ଯୋଗାଣ ହେଉଥିଲେ ମଧ୍ୟ ପିଇବା ପାଣି ପାଇଁ ଆମେ ହଇରାଣ ହେଉଛୁ। ଦିନେ ପାଣି ଆସିଲେ ଦୁଇ ଦିନ ବନ୍ଦ ରହୁଛି। ଏପରିକି ଯେଉଁ ପାଣି ଆସୁଛି ତାହା ଅଧଘଣ୍ଟା ଭିତରେ ବନ୍ଦ ହୋଇଯାଉଛି। ତେଣୁ ଦୁଇ ଗରା ଲେଖାଏଁ ଭାଗ କରି ଘର ପିଛା ଆମେ ପାଣି ନେଉଛୁ ବୋଲି ସାହିବାସୀ କହିଛନ୍ତି।

## ଜଳୁଛି ଲକ୍ଷ୍ମୀପୁର ଜଙ୍ଗଲ

**ବଇଣ୍ଡା,୨।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ହଣ୍ଡପା ରେଞ୍ଜ ଲକ୍ଷ୍ମୀପୁର ଜଙ୍ଗଲ ସୋମବାରଠାରୁ ଜଳୁଛି। ବନ ବିଭାଗ କର୍ମଚାରୀମାନେ ପଦକ୍ଷେପ ନେଉ ନ ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥିଯୋଗୁ ବହୁ ମୂଲ୍ୟବାନ ଗଛ ସହ କୀଟ ପତଙ୍ଗ, ସରିସୃପ ମୃତ୍ୟୁମୁଖରେ ପଡ଼ିଛନ୍ତି। କେତେଜଣ ବ୍ୟକ୍ତି ଜଙ୍ଗଲରୁ ମହୁଲଫୁଲ ସଂଗ୍ରହ କରିବା ପାଇଁ ଯାଇ ନିଆଁ ଲଗାଇ ଦେଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ କେତେଜଣ ଜନ୍ତୁ ଶିକାରୀ ଜଙ୍ଗଲରେ ନିଆଁ ଲଗାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ପ୍ରଚଣ୍ଡ ଗୀଷ୍ମ ପ୍ରବାହ ବେଳେ ଜଙ୍ଗଲରେ ନିଆଁ ଯୋଗୁ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତୁରନ୍ତ ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରାଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଏଡ଼ାଇ ଦେଇ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

## ୭ରେ ବାଟ ବାୟାଣୀଙ୍କ ବାର୍ଷିକ ଯାତ୍ରା



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଗ୍ରାମବାସୀ।

**ଛେଣ୍ଡିପଦା,୨।୪(ସ୍ୱ.ପ୍ର./ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାଟବାୟାଣୀଙ୍କ ବାର୍ଷିକ ଯାତ୍ରା ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ମନ୍ଦିର ପରିସରରେ ଥିବା ଯାତ୍ରୀ ବିଶ୍ରାମ ଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଡିଓ ରୋମାଞ୍ଚଳ ଖମାରୀ, ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ, ଫରେଷ୍ଟର କଳାକାର ପ୍ରଧାନ, ଅଧ୍ୟକ୍ଷ ଲୋକନାଥ ସାହୁ , ବାୟାଣୀ ମଠାଧୀଶ ଭୁବନାନନ୍ଦ ଦାସ, ଜଗନ୍ନାଥ ମନ୍ଦିର ସେବକ ବାସୁଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଯାତ୍ରାରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଯାନବାହନ ପାର୍କିଂ ସୁବିଧା, ଟ୍ରାଫିକ ବ୍ୟବସ୍ଥା, ପ୍ରସାଦ ସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ଗ୍ରାମର ନେତାଜୀ କ୍ଲବ, ଜନ କଲ୍ୟାଣ କ୍ଲବ, ଅଷ୍ଟଶମ୍ଭୁ କ୍ଲବ, ମା' ନାୟାଣୀ କ୍ଲବ ଆଦିର ସଦସ୍ୟମାନେ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉଠାଦୋକାନ ପାଇଁ ୫ ତାରିଖ ଦିନ ୧୦ଟାରୁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଗ୍ରାମର ଶ୍ରୀନିବାସ ସାହୁ, ରମାକାନ୍ତ ସାହୁ, ଜଗବନ୍ଧୁ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ବାନାମ୍ବର ସାହୁ, ମୋହନ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# 'ଉପଯୁକ୍ତ ଶିକ୍ଷା ଶ୍ରେଷ୍ଠ ସୋପାନରେ ପହଞ୍ଚାଏ'



ଅତିଥିଙ୍କ ସହ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନେ।

**କଣିହାଁ,୨।୪(ଡି.ଏନ.ଏ.)**

କଣିହାଁ ବ୍ଲକ ଆଞ୍ଚଳିକ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ ତରଫରୁ ବଜ୍ରକୋଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୮ମ ମେଧାବୃତ୍ତି ପୁରସ୍କାର ସମାରୋହ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ପରିଷଦର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ପଦ୍ମଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ବେହେରା, ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୀତାମ୍ବର ରାଉଳ, ଆଇନଜୀବୀ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଉପଯୁକ୍ତ ଶିକ୍ଷା ଜୀବନକୁ ଶ୍ରେଷ୍ଠ ସୋପାନରେ ପହଞ୍ଚାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନ ତରଫରୁ ୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ରୁଷଭ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁନ୍ନା ନାଏକ, ପ୍ରମୋଦ ସାହୁ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ସ୍ୱଚ୍ଛତା ଓ ପରିବେଶ ପାଇଁ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ କୁମାର ଧୀରଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ବରପୁତ୍ରଙ୍କ ଭୂମିକା ଉପରେ ଆଲୋକପାତ



**ଅନୁଗୋଳ ଅଫିସ, ୨।୪**

ଅନୁଗୋଳ ଓପି ଜିନ୍ଦଲ ସ୍କୁଲରେ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଛନ୍ଦାଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ରାମକୃଷ୍ଣ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଶିରୀଷ କୁମାର ମିଶ୍ର ସ୍ୱତନ୍ତ୍ର ପ୍ରଦେଶ ଗଠନରେ ବରପୁତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଓ ପରମ୍ପରା ସମ୍ପର୍କରେ ଅଧିକ ଜାଣିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟକ୍ଷ ପରାମର୍ଶ ଦେବା ସହ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ଡ.ମୋହନ ସୁନ୍ଦର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।







# ଓଡ଼ିଶାର ଗରିମା, ସଂସ୍କୃତି ଉପରେ ଗୁରୁତ୍ୱ



କିଶୋରନଗର ବିଜୁ ସ୍ମୃତି ଭବନ ସଭାଗୃହ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଆଠମଲ୍ଲିକ/ବଇଣ୍ଡା, ୨।୪(ଡି.ଏନ.ଏ.)**

ଆଠମଲ୍ଲିକରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ମହେନ୍ଦ୍ର ହାଇସ୍କୁଲ ପରିସରରେ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏବିଡିଓ ରାହାସ ଚନ୍ଦ୍ର ନାୟକ ଯୋଗଦେଇ ଓଡ଼ିଶାର ଗରିମା ଏବଂ ଓଡ଼ିଆ ଭାଷା ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ସକାଳ ୭ଟାରେ ଗାନ୍ଧୀପାର୍କ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ ପରେ ପରେ ମାନଜୋର ଛକରେ ଥିବା ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି. ଆର. ଆମ୍ବେଡକର ଓ ମହେନ୍ଦ୍ର ହାଇସ୍କୁଲରେ ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆଠମଲ୍ଲିକ ଏନ୍‌ଏସିର ନିର୍ବାହୀ ଅଧିକାରୀ ରବିନ କୁମାର ଦାସ, ଦିଲୀପ କୁମାର ସିଂହ, ଉର୍ଦ୍ଦୁ ସ୍କୁଲର ପ୍ରଧାନ ଶିକ୍ଷକ ନଇମ୍ ଅହମ୍ମଦ ସିଦ୍ଦିକ୍ ରମେଶ ଚନ୍ଦ୍ର ସିଂହ, ଏଲଏନଏସ୍ ରାଜୀନ୍ଦ୍ର, ସୁଶାନ୍ତ କୁମାର ମହାପାତ୍ର, ଜୟଗୋପାଳ ଷଡଙ୍ଗୀଙ୍କ ସମେତ ମହେନ୍ଦ୍ର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲବ କିଶୋର ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ପ୍ରଧାନ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବିଜୁ ସ୍ମୃତି ଭବନ ସଭାଗୃହ ପରିସରରେ ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା, କଳ୍ପତରୁ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ପେନ୍‌ସନ ଉପଭୋକ୍ତା ସଙ୍ଗଠନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଶାଖା ସଭାପତି ଡ. ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତିକା ସୁନିତି ମୁଣ୍ଡ, ମୁଖ୍ୟବକ୍ତା ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ, ଅଭିନେତ୍ରୀ ସ୍ୱପ୍ନା ପତି, ରଞ୍ଜିତ ପଟ୍ଟନାୟକ, କୀର୍ତ୍ତନ ବେହେରା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିବାବେଳେ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଦାମ ଚରଣ ପ୍ରଧାନ, ରାଜା ଧବଳେଶ ପ୍ରସାଦ ଦାସ ସ୍ୱାଗତ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ସୁନୀତି ମୁଣ୍ଡ, ଘାସିନାଥ ପ୍ରଧାନ, ସ୍ୱପ୍ନା ପତି, ପବିତ୍ରମୋହନ ପ୍ରଧାନ, ରଞ୍ଜିତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ